# ODM PUBLIC SCHOOL

ODM EDUCATIONAL GROUP

**SESSION :05**

**CLASS :3**

**SUBJECT : ODIA**

**CHAPTER NUMBER: 05**

**CHAPTER NAME : କ୍ରିକେଟ ଖେଳ**

**SUBTOPIC :ଅଭ୍ୟାସ -୬,୭ ,୯ ,୧୦ ଓ ବାକ୍ୟ ଗଠନ**

CHANGING YOUR TOMORROW

# ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ବାକ୍ୟ ଗଠନ ଶୈଳୀ ର ଅଭିବୃଦ୍ଧି କରାଇବା ।



# କ୍ରିକେଟ ଖେଳ






ODM EDUCATIONAL GROUP
Changing your Tomorrow

# କ୍ରିକେଟ୍ ଖେଳ

ଖରାଦିନ ସରିଆସୁଥାଏ । ବର୍ଷା ନ ଥାଏ । ଅସହ୍ୟ ଗରମ । ପର୍ବତ ପାଖ ପଡ଼ିଆରେ ବିଲୁଆ ଓ ଠେକୁଆ ବସିଥିଲେ । କ୍ରିକେଟ୍ ଖେଳ ଉପରେ ଆଲୋଚନା କରୁଥିଲେ । ବିଲୁଆ କହିଲା, ଠେକୁଆଭାଇ ଆମେ ଟିକେ କ୍ରିକେଟ୍ ଖେଳ ଖେଳିବା ନାହିଁ ! ଠେକୁଆ ତା' କଥାରେ ହଁ ଭରିଲା ।

ODM EDUCATIONAL GROUP




ଖେଳ ପୂର୍ବରୁ ସଭାଟିଏ ବସିବ । ଗାତରେ ରହୁଥିବା ମୂଷା ଓ ସାପକୁ ବିଲୁଆ ଖବର ଦେଲା । ପଥରଖୋଲ ଭିତରେ ରହୁଥିବା ବାଘ ଓ ଭାଲୁଙ୍କୁ ବି ଡକାଗଲା । ଗଛକୋରଡ଼ରେ ରହୁଥିବା ଶାଗୁଣା, ପେଚା, କାଠହଣା ଆଦି


ODM EDUCATIONAL GROUP

ପଶୁପକ୍ଷୀଙ୍କୁ ମାଙ୍କଡ଼ ଖବର ଦେଲା । ପାଣିରେ ଥିବା ଜୀବ ବେଙ୍ଗ, କଇଁଛ, ମଗର ଓ ଚିଙ୍ଗୁଡ଼ିଙ୍କୁ କଙ୍କଡ଼ା ଖବର ଦେଲା ।

ସଭା ବସିଲା । ଖେଳ ଦିନ ଠିକ୍ ହେଲା । ବିଲୁଆ ଗୋଟାଏ ଦଳର କ୍ୟାପ୍‌ଟେନ୍, ଅନ୍ୟଦଳର କ୍ୟାପ୍‌ଟେନ୍ ଠେକୁଆ । ଖାଇବାପାଇଁ ବିସ୍କୁଟ୍ ଓ ସର୍ବତର ଯୋଜନା ହେଲା । ଭାଲୁ କହିଲା, ବିଜୟୀ ଦଳକୁ କ'ଣ ପୁରସ୍କାର ଦେବା ? ହାତୀ କହିଲା, ଦର୍ପଣ ଦେବା ।



ଘରଚଟିଆ ସର୍ବତ ତିଆରି କରିବା ପାଇଁ କହିଲା । ଭାଲୁ, ବିସ୍କୁଟ୍ ଓ ଦର୍ପଣ କିଣିବାର ଦାୟିତ୍ୱ ନେଲା । ମୂଷା ବ୍ୟାଟ୍ ତିଆରି କଲା । ତାକୁ କାଠହଣା ଚଢ଼େଇ ସାହାଯ୍ୟ କଲା । ବଣି ବଲ୍‌ଟିଏ ଆଣିଲା । ଦୁଇଦଳ ଜୋର୍‌ସୋର୍‌ରେ ଖେଳ ଅଭ୍ୟାସ କଲେ । ପ୍ରତିଦିନ ବ୍ୟାୟାମ କଲେ । ଖେଳଦିନ ସକାଳୁ ଭାଲୁ ସ୍କୁଟର ଧରି ବିସ୍କୁଟ୍ ଓ ଦର୍ପଣ ଆଣିବାକୁ ଗଲା ।



ଠେକୁଆଦଳ ବୋଲିଂ କଲେ । ବିଲୁଆଦଳ ବ୍ୟାଟିଂ କଲେ । ଅନ୍ୟମାନେ ଖେଳ ଦେଖିଲେ । ପ୍ରଥମ ବଲ୍‌ରେ ବିଲୁଆଦଳର ଜଣେ ଆଉଟ୍ ହେଲା । ଠେକୁଆଦଳ ଓ



ଅନ୍ୟମାନେ ଖୁସିରେ ତାଳି ମାରିଲେ । ବାଦ୍ୟ ବଜାଇଲେ । ଆଉ ଗୋଟିଏ ବଲ୍‌ରେ ବିଲୁଆଦଳରୁ ଜଣେ ଛକା ମାରିଲା । ବଲ୍‌ଟି ଯାଇ ଗାତରେ ପଡ଼ିଲା । ସାପ ଗାତ ଭିତରୁ ବଲ୍ ଆଣିଲା । ଖେଳ ସରିଆସୁଥାଏ । ଭାଲୁର ଦେଖା ନ ଥାଏ । ଘରଚଟିଆ ତାକୁ ଖୋଜିବାକୁ ଗଲା ।

ଠେକୁଆଦଳ ଛଅ ଓ୍ୱିକେଟରେ ଖେଳ ଜିତିଲେ । ଖୁସିରେ ଗୀତ ଗାଇଲେ । ବାଦ୍ୟ ବଜାଇଲେ । ତା'ପରେ ଅନ୍ୟମାନେ ନିଜ ନିଜ ଘରକୁ ଫେରିଗଲେ ।

# ପ୍ରଶ୍ନ ଉତ୍ତର ଲେଖ  (ଅଭ୍ୟାସ-୬,୭ ,୯ ,୧୦ )

୬- ବିଲୁଆ କାହା  କାହାକୁ ସଭା କୁ ଡ଼ାକିଥିଲା ?

୭ –କଙ୍କଡା କେଉଁ ମାନଙ୍କୁ ସଭାକୁ ଆସିବା ପାଇଁ ଖବର ଦେଲା ?

୯ –ସାପ କାହିଁକି ଗାତ ଭିତରୁ ବଲ ଆଣିଥିବ ?

୧୦ –ଭାଲୁ କାହିଁକି ଠିକ ସମୟରେ ପହଞ୍ଚିପାରି ନଥିବ ?

ODM EDUCATIONAL GROUP

# ପ୍ରଶ୍ନ ଉତ୍ତର ଲେଖ (ଅଭ୍ୟାସ-୬,୭ ,୯ ,୧୦ )

୬- ବିଲୁଆ କାହା କାହାକୁ ସଭା କୁ ଡ଼ାକିଥିଲା ?

ଉ – ବିଲୁଆ ମୂଷା,ସାପ ,ବାଘ ଓ ଭାଲୁକୁ ସଭା କୁ ଡ଼ାକିଥିଲା

୭ –କଙ୍କଡା କେଉଁ ମାନଙ୍କୁ ସଭାକୁ ଆସିବା ପାଇଁ ଖବର ଦେଲା ?

ଉ –କଙ୍କଡା ପାଣିରେ ଥିବା ଜୀବ ଯଥା –ବେଙ୍ଗ ,କଇଁଛ,ମଗର ଓ ଚିଙ୍ଗୁଡି ଙ୍କୁ ସଭାକୁ ଆସିବା ପାଇଁ ଖବର ଦେଲା |

୯ –ସାପ କାହିଁକି ଗାତ ଭିତରୁ ବଲ ଆଣିଥିବ ?

ଉ –ସାପ ଗାତରେ ରହୁଥିବାରୁ ଗାତ ଭିତରେ ପଡିଯାଇଥିବା ବଲକୁ ଗାତ ଭିତରୁ ଆଣିଥିବ |

୧୦ –ଭାଲୁ କାହିଁକି ଠିକ ସମୟରେ ପହଞ୍ଚିପାରି ନଥିବ ?

ଉ –ଭାଲୁ ଠିକ ସମୟରେ ପହଞ୍ଚିପାରିନଥିବ ,ହୁଏତ ଭାଲୁର ସ୍କୁଟର ରେ ପେଟ୍ରୋଲ ସରି ଯାଇଥିବ ,ଦୋକାନରେ ଉପଯୁକ୍ତ ପରିମାଣରେ ବିସ୍କୁଟ ଓ ଦର୍ପଣ ମିଳି ନଥିବ, ବାଟରେ ତାର କୌଣସି ସାଙ୍ଗ ସହିତ ଭେଟ ହୋଇଥିବ,ଏପରି ଅନେକ କାରଣ ଆମ ମନକୁ ଆସିପାରେ |

ODM EDUCATIONAL GROUP
Changing your Tomorrow

# ବାକ୍ୟ ଗଠନ ଲେଖ

ନମସ୍କାର –

ପୁରସ୍କାର –

ବ୍ୟାୟାମ-

ପଶୁପକ୍ଷୀ –

ପର୍ବତ –

ବର୍ଷା-

କ୍ରିକେଟ –

ଦର୍ପଣ –

ODM EDUCATIONAL GROUP
Changing your Tommorow

# ବାକ୍ୟ ଗଠନ ଲେଖ

**ନମସ୍କାର** –ଗୁରୁଜୀ ଙ୍କୁ ଦେଖିଲେ ଆମେ ତାଙ୍କୁ ନମସ୍କାର କରିବା ଉଚିତ୍ |

**ପୁରସ୍କାର** –ଭଲ କାମ କଲେ ପୁରସ୍କାର ମିଳିଥାଏ |

**ବ୍ୟାୟାମ**-ପ୍ରତିଦିନ ବ୍ୟାୟାମ କଲେ ଶରୀର ସୁସ୍ଥ ରହେ |

**ପଶୁପକ୍ଷୀ** –ପଶୁପକ୍ଷୀ ମାନଙ୍କର ଯତ୍ନ ନେବା ଉଚିତ୍ |

**ପର୍ବତ** –ପର୍ବତ ଦୂରରୁ ସୁନ୍ଦର ଦିଶେ |

**ବର୍ଷା**- ଗ୍ରୀଷ୍ମ ଋତୁ ପରେ ବର୍ଷା ଋତୁ ଆସେ|

**କ୍ରିକେଟ** –କ୍ରିକେଟ ଖେଳର ପ୍ରତିଟି ଦଳର ଏଗାର ଜଣ ଖେଳାଳି ଖେଳନ୍ତି

**ଦର୍ପଣ** –ଦର୍ପଣ ରେ ଆମେ ଆମର ପ୍ରତିଛବି ଦେଖିପାରୁ |

ODM EDUCATIONAL GROUP

# ବାକ୍ୟ ଗଠନ ଓ ପ୍ରଶ୍ନ ଉତ୍ତର କୁହ

ପର୍ବତ -

ବର୍ଷା-

ଗର୍ବ-

ସନ୍ଧ୍ୟା-

ସାହାଯ୍ୟ-

୧- ପଥର ଖୋଲ ଭିତରେ କିଏ କିଏ ରହୁଥିଲେ ?

୨ -ମାଙ୍କଡ କାହାକୁ କାହାକୁ ଖବର ଦେଲା ?

୩ -ପାଣିରେ ଥିବା ଜୀବ ମାନଙ୍କୁ କିଏ ଖବର ଦେଲା ?

୪ -ବିଜୟୀ ଦଳକୁ କଣ ପୁରସ୍କାର ଦିଆଗଲା ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

## ଅଭ୍ୟାସ -୮ କୁ ଖାତାରେ କର ।



ODM EDUCATIONAL GROUP

## ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ପଠନ ,ଶ୍ରବଣ , କଥନ ଓ ଲିଖନ ତଥା ଚିନ୍ତନ ଶୈଳୀ  ର ଅଭିବୃଦ୍ଧି ଘଟିବ |



**THANKING YOU**

**ODM EDUCATIONAL GROUP**